**ବାର୍ଷିକ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଆରମ୍ଭ**

ଧାମନଗର,(ଦେବେନ୍ଦ୍ର ଆଦିଆ)-ଭଦ୍ରକ ଜିଲା ଧାମନଗର ଏନ୍ଏସି ଅଧୀନ ଜୟନଗର କଣ୍ଟାବଣିଆସ୍ଥିତ ଅବଧୂତଧାମ ଅନନ୍ତବଟ ଆଶ୍ରମରେ ତିନିଦିନ ବ୍ୟାପୀ ବ୍ରହ୍ମ ଗୋଛନ୍ଦ ମହାଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଛି। ବ୍ରହ୍ମ ମୁହୂର୍ତ୍ତରୁ ତ୍ରିତାପହାରୀ ବ୍ରହ୍ମଗୋଛନ୍ଦ ମହାଯଜ୍ଞ ଶୁଭାରମ୍ଭ ହୋଇଥିଲା। ଏଥିରେ ମନ୍ଦିର ବେଢ଼ା ପରିକ୍ରମା, ଅନନ୍ତେଶ୍ୱରଙ୍କ ରୁଦ୍ରାଭିଷେକ, ଦୀପଦାନ ଓ ନୂତନ ଧ୍ୱଜା ଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅବଧୂତ ଧାମ ଅନନ୍ତବଟ ପରିଚାଳନା ପରିଷଦର ଗୋବିନ୍ଦ ବାବା ଓ ଶ୍ରୀଧର ଦାସ ଦାୟିତ୍ୱ ତୁଲାଉଛନ୍ତି।



## ସଂକ୍ଷେପରେ

### ପଞ୍ଚଲିଙ୍ଗେଶ୍ୱର ପୀଠରେ ମାଘ ସପ୍ତମୀ ମେଳା

ନୀଳଗିରି, ୧୬।୨(ପ୍ରଶାନ୍ତ ବିଶ୍ୱାଳ)- ମାଘସପ୍ତମୀ ମେଳା ଅବସରରେ ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ପ୍ରାକୃତିକ ପ୍ରାଚୁର୍ଯ୍ୟତାର ଗନ୍ତାଘର ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ମାଘ ସପ୍ତମୀ ମେଳା ଉଦ୍‌ଘାଟିତ ହୋଇଛି। ଏହି ମେଳା ଆସନ୍ତା ୯ଦିନ ଧରି ଚାଲିବା ସହିତ ପ୍ରତ୍ୟେକ ଦିନ ନାଗ ଯଜ୍ଞ, ବିଭିନ୍ନ ସାଧୁ ସନ୍ୟାସୀଙ୍କ ଆଗମନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପାଇଁ ଟ୍ରଷ୍ଟବୋର୍ଡ଼ ତରଫରୁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ଭୋର ସମୟରୁ ବାବାଙ୍କର ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହୋଇ ନୀଳଗିରି ଉପଜିଲାପାଳଙ୍କ ଉପସ୍ଥିତିରେ ଟ୍ରଷ୍ଟବୋର୍ଡ ସଭ୍ୟ ତଥା ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ, ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, କୈଳାଶ ଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସ୍ଥାନୀୟ ଯୁବ ସାମାଜିକ କର୍ମୀ ମନୋରଞ୍ଜନ ଦାସଙ୍କ ସହିତ ପୀଠର ପୂଜକ ବିଜୟ କୁମାର କର, ପ୍ରତାପ ଚନ୍ଦ୍ର କର, ଜୟନ୍ତ କୁମାର କର, ସୁମନ୍ତ କୁମାର କରଙ୍କ ସହ ପୀଠର ମ୍ୟାନେଜର ଶିଶିର କୁମାର ମିଶ୍ର ଓ ବହୁ ସାଧୁ ସନ୍ଥ ରାମମନ୍ଦିର ନିକଟସ୍ଥ ପାଖ ଝରଣାରୁ ଘଟ ବୁଡ଼ାଇ ଏହାକୁ ଏକ ବିରାଟ ପାଟୁଆର ସହିତ ସ୍ଥାନୀୟ ଆଦିବାସୀ ଭଜନ ମଣ୍ଡଳୀମାନଙ୍କର ଲୋକକଳା ନୃତ୍ୟ ପ୍ରଦର୍ଶନ କରି ବାବାଙ୍କ ପୀଠକୁ ଘଟ ଅଣାଯାଇଥିଲା। ସେଠାରେ ଥିବା ଯଜ୍ଞ ମଣ୍ଡପଠାରେ ଘଟକୁ ସ୍ଥାପନ କରି ବିଧି ଅନୁସାରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଛ। ଆସନ୍ତା ୨୪ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବାକୁ ଥିବାବେଳେ ସାରାଦିନ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି।

### 'ଶିଶୁଙ୍କୁ ସଂସ୍କାରୀ କରାଏ ଗୀତା ଶିକ୍ଷା'

ତିହିଡ଼ି,୧୬।୨(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୁବେରା ପଞ୍ଚାୟତର ଜୟପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଉପସଭାପତି ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଉପ ଜିଲା ଆରକ୍ଷୀ ଅଧୀକ୍ଷକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଯୋଗଦେଇ ଉଦ୍‌ଘାଟନ କରି ଗୀତା ଶିକ୍ଷା ଶିଶୁମାନଙ୍କୁ ସଂସ୍କାରୀ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ବୀଣାପାଣି ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ଦାସ ଓ ମୁଖ୍ୟବକ୍ତା ବାସୁଦେବପୁର ସଙ୍କୁଳ ସଂଯୋଜକ ରବୀନ୍ଦ୍ର କୁମାର ବାରିକ ଯୋଗ ଦେଇଥିଲେ। ତିହିଡ଼ି ଶିଶୁ ବିଦ୍ୟାମନ୍ଦିରର ବାଟିକା ପ୍ରମୁଖ ପ୍ରତିଭା ସେଠୀ ନୃତ୍ୟ ଓ ଗୀତ ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଭରତ ଚରଣ ବାରିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥି ପରିଚୟ ଦେଇଥିଲେ। କୃତୀ ଶିଶୁମାନଙ୍କୁ ଡା. ହେମନ୍ତ କୁମାର ସ୍ୱାଇଁ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା। ଗୁରୁମା ପୂର୍ଣ୍ଣିମା ଖଟୁଆ, ରଶ୍ମିତା ନାୟକ, ସେବତୀ ତ୍ରିପାଠୀ, ଗୁରୁଜୀ ଦୀପ୍ତିକାନ୍ତ ଯେନା, ସାବରଙ୍ଗ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନାୟକ, ସେବିକା ବର୍ଷାରାଣୀ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି ସହସମ୍ପାଦକ ଶଶୀକାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଝାରସୁଗୁଡ଼ା, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

#### ୭ମ ସତ୍ୟସ୍ୱରୂପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଉଦଳା,୧୬।୨(ସନ୍ତୋଷ କୁମାର ବାଛିନୀ): ଉଦଳା ନାଗପାଳ ପଡ଼ିଆରେ ଚାଲିଥିବା ସପ୍ତମ ସତ୍ୟସ୍ୱରୂପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଝାରସୁଗୁଡ଼ା ଦଳ ଝାଡ଼ଖଣ୍ଡକୁ ପରାସ୍ତ କରି ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଛତିଶଗଡ଼ ଦଳକୁ କଟକର ରାଇଜିଂ ଷ୍ଟୁଡେଣ୍ଟ ଦଳ ପରାସ୍ତ କରି ବିଜୟୀ ହୋଇଥିଲା। ଲଲାଟ କେଶରୀ ନନ୍ଦ ଓ ଏସ.ପାଣି ଖେଳ ପରିଚାଳନା କରିଥିଲେ। ଚନ୍ଦନ ଦୀକ୍ଷିତ, ଲକ୍ଷ୍ମୀଧର ସାହୁ,ଅବିନାଶ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# 'ଆୟୁର୍ବେଦ ଚିକିତ୍ସା ପ୍ରତି ଭରସା ବଢୁଛି'

■ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଆରମ୍ଭ
■୬୦ ଆୟୁର୍ବେଦିକ ଷ୍ଟଲ୍ ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦୁଝର,୧୬।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଏବଂ ରାଜ୍ୟ ଔଷଧ ଉଦ୍ଭିଦ ପରିଷଦ ଦ୍ୱାରା ଗୁରୁବାର ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ୨୦୨୪ କାଳୀପଡ଼ିଆଠାରେ ଆରମ୍ଭ ହୋଇଛି। କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ସମସ୍ତ ଅତିଥିଙ୍କ ସହିତ ଫିତା କାଟି ମେଳାରେ ଲାଗିଥିବା ଷ୍ଟଲ ଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ମେଳା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତରମାନେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଉଦ୍‌ଘାଟନୀ ଉତ୍ସବରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ. ଡ଼ି ଧନରାଜଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ଓଏସଡ଼ି ତଥା କୁଳପତି ପ୍ରାଧ୍ୟାପକ ପ୍ରତାପ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା,



କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଜିଲା ପରିଷଦ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅନ୍ୟତମ ଅତିଥିଭାବେ ରାଜ୍ୟ ବନଔଷଧି ମହାସଂଘର ସଭାପତି ହରେକୃଷ୍ଣ ମହାନ୍ତ ଯୋଗଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସଞ୍ଜୀବ ବାରିକ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପ୍ରାଧ୍ୟାପକ ମହାନ୍ତି ଅଭିଭାଷଣରେ ଆୟୁର୍ବେଦ ବିଶ୍ୱର ସର୍ବପୁରାତନ ଚିକିତ୍ସା ବ୍ୟବସ୍ଥା ବୋଲି କହିଥିଲେ। ଆୟୁର୍ବେଦ ଚିକିତ୍ସାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥାଏ। ପୂର୍ବରୁ ସମସ୍ତ ରୋଗର ନିଦାନ ପାଇଁ ଲୋକେ ଏହି ଚିକିତ୍ସା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ଯେଉଁଠି ଏଲୋପାଥିକ ଚିକିତ୍ସା ଶେଷ ହୋଇଯାଉଛି, ସେଠାରୁ ଲୋକେ ଆୟୁର୍ବେଦିକ ଚିକିତ୍ସା ଆରମ୍ଭ କରୁଛନ୍ତି। ଏଥିସହ ବିଶ୍ୱବିଦ୍ୟାଳୟ ପରିସରରେ ଔଷଧୀୟ ଚାରାରୋପଣ କରିବାପାଇଁ ପର୍ଯ୍ୟାପ୍ତ ଜାଗା ରହିଛି, ଯଦି କୌଣସି ବୈଦ୍ୟ ତାହାର ସଦୁପଯୋଗ କରିବାକୁ ଚାହିଁବେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ। ମେଳାରେ ପ୍ରାୟ ୬୦ଗୋଟି ଷ୍ଟଲ୍‌ରେ ଆୟୁର୍ବେଦିକ ଔଷଧ ତଥା ଜଡ଼ିବୁଟି ବିକ୍ରି କରାଯାଉଛି। ଏଥିସହ ପ୍ରତିଦିନ ସକାଳ ୧୦ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ଆୟୁର୍ବେଦିକ ଡାକ୍ତରମାନଙ୍କ ଦ୍ୱାରା ମାଗଣା ସାସ୍ଥ୍ୟ ପରୀକ୍ଷା ତଥା ବିଭିନ୍ନ ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯାଉଛି। ଶୁକ୍ରବାର ଦ୍ୱିତୀୟ ଦିନ ସନ୍ଧ୍ୟାରେ ଏସିଏଫ୍ ଜିତେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ମୁଖ୍ୟ ବକ୍ତାଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ନାୟକ, ସମ୍ମାନିତ ଅତିଥିଭାବେ ଡେପୁଟର କଲେକ୍ଟର ରୂପାଲୀ ହାଁସଦା ଯୋଗଦେଇ ବୃକ୍ଷ ଏବଂ ପରିବେଶର ସୁରକ୍ଷା ପାଇଁ ବନ ବିଭାଗ ପଦକ୍ଷେପ ନେଉଥିବାରୁ ବନ ବିଭାଗକୁ ଧନ୍ୟବାଦ ଜଣାଇଥିଲେ। ଶେଷରେ କଣ୍ଢେଇ ନୃତ୍ୟ ପରିବେଷଣ ହୋଇଥିଲା।

# ଭଦ୍ରକରେ ଗଢ଼ିଲା ଲକ୍ଷ୍ମୀ ବସ୍


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ମହିଳା ଓ ଅନ୍ୟମାନେ।

ଭଦ୍ରକ,୧୬।୨ (ସନାତନ ରାଉତ)

ଭଦ୍ରକ ଜିଲାରେ ଶୁକ୍ରବାର ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରାଯାଇଛି। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିବା ବେଳେ ଅପରାହ୍ଣରେ ଭଦ୍ରକ ରାଣୀତାଲ ନିକଟସ୍ଥ ମେଡିକାଲ ପଡ଼ିଆରେ ଜିଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭଦ୍ରକ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ୫-ଟି ଜିଲା ସଂଯୋଜକ ଡ. ସଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗାଁ ଲୋକଙ୍କ ଗମନାଗମନ ସମସ୍ୟା ଦୂର ହେବା ସହ ଗ୍ରାମର ସାମାଜିକ ଓ ଅର୍ଥନୈତିକ ବିକାଶ ସୁଦୃଢ଼ ହେବାରେ ସହଜ ହେବ ବୋଲି ଅତିଥିମାନେ କହିଥିଲେ। ଜିଲାରେ ଗଢ଼ିବାକୁ ଥିବା ସମୁଦାୟ ୨୪ଟି ବସ୍‌ରୁ ୯ଟି ବସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ସେଥିମଧ୍ୟରୁ ୮ଟି ବସ୍ ୭ଟି ବ୍ଲକରେ ଚଳାଚଳ କରିବ। ଗୋଟିଏ ବସ୍ ଆବଶ୍ୟକ ସ୍ଥଳେ ବ୍ୟବହାର କରାଯିବା ପାଇଁ ରଖାଯାଇଛି। ମାସେ ମଧ୍ୟରେ ସମସ୍ତ ବସ୍ ପଞ୍ଚାୟତରୁ ବ୍ଲକ୍ ଓ ବ୍ଲକ୍‌ରୁ ଜିଲାକୁ ଚଳାଚଳ କରିବ ବୋଲି କୁହାଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'କୁସଂସ୍କାର ଦୂର କରେ ବିଦ୍ୟା'



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ବାରିପଦା,୧୬।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଚନ୍ଦନପୁର(ନୂତନ) ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁସୁଚିତ ଜାତି ଜନଜାତି ବିଭାଗର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଶିକ୍ଷା ନୀରିକ୍ଷକ ମାନସ ରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଲେଖ ରଞ୍ଜନ ପାଠୀ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ତୋଟାପଡ଼ା ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପଣ୍ଡା,ଦେବଲା ସ୍କୁଲ ପ୍ରଧାନ ଶିକ୍ଷକ ଦୀପକ କୁମାର ଦଣ୍ଡପାଟ, ସ୍କୁଲ ପରିଚାଳନା କମିଟିର ସଭାପତି ଧନାୟ ମାଝୀ, ସରପଞ୍ଚ ହରିଶ ଚନ୍ଦ୍ର ମୁର୍ମୁ, ସମିତି ସଭ୍ୟା ମିନତୀ ପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଲୋକ ଯେପରି ଅନ୍ଧାରକୁ ଦୂର କରେ, ଠିକ୍ ସେହିପରି କୁସଂସ୍କାର, ଅନ୍ଧବିଶ୍ୱାସକୁ ଦୂର କରେ ବିଦ୍ୟା। ଜ୍ଞାନର ବୃଦ୍ଧି ଘଟିଲେ ବ୍ୟକ୍ତିତ୍ୱର ବିକାଶ ହେବା ସହ ଦେଶର ପ୍ରଗତି ସମ୍ଭବ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ସତ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଅଭିମନ୍ୟୁ ସାତୁଆ ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଚିନ୍ମୟୀ ଆରୁଖ, ଦେବଦତ୍ତା ପତି ଓ ଶିକ୍ଷକ ରାମଚନ୍ଦ୍ର ସିଂଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା 'ସହରୀ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚମ୍ପୁଆ,୧୬।୨ (ମହେଶ୍ୱର ଦାସ): ବସ୍ତି ବାସିନ୍ଦାଙ୍କ ବିକାଶ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ସହରୀ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଚମ୍ପୁଆ ଧରଣୀଧର ନଗର ଭବନଠାରେ ବିଭିନ୍ନ ୱାର୍ଡବାସୀଙ୍କୁ ନେଇ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଫୁରଲାଇ ବେସ୍ରାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ଉପାଧ୍ୟକ୍ଷା ସୁମିତ୍ରା ବେହେରା ଓ ୧୩ ଗୋଟି ୱାର୍ଡର କାଉନ୍‌ସିଲରମାନେ ଯୋଗ ଦେଇଥିଲେ। ସହରୀ କାର୍ଯ୍ୟକ୍ରମ ମାଧ୍ୟମରେ ୱାର୍ଡ ଗୁଡ଼ିକର ବିକାଶ ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ୱାର୍ଡବାସୀଙ୍କ ମୌଳିକତାକୁ ଗୁରୁତ୍ୱ ଦେବା ପ୍ରଥମ ଦାୟିତ୍ୱ ବୋଲି ସାହୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୟ ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡୁ, ସିଏମଏମ ଅନନ୍ତ ଚରଣ ସାହୁ, ସିଓ ସ୍ୱର୍ଣ୍ଣପ୍ରଭା ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

# ବଣପାରିଆ ଯୁବକ ସଂଘର ସାଂସ୍କୃତିକ ସନ୍ଧ୍ୟା

ଖଇରା, ୧୬।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମରେ ଥିବା ଯୁବକ ସଂଘ ତରଫରୁ ସରସ୍ୱତୀ ପୂଜା ଉପଲକ୍ଷେ ସାଂସ୍କୃତିକସନ୍ଧ୍ୟା ଆୟୋଜିତ ହୋଇଯାଇଛି। ସଭାପତି ରାଜେନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଗାଁ ଗାଁ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରଘୁନାଥ ପତ୍ରୀ ବେଦପାଠ, ସମ୍ପାଦକ ମନୋରଞ୍ଜନ ବେହେରା ବିବରଣୀ ପାଠ ଓ ରାମଚନ୍ଦ୍ର ପତ୍ରୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ପ୍ରଦାନ କରିଥିଲା। ସଂଘର କୋଷାଧ୍ୟକ୍ଷ ପ୍ରମୋଦ କୁମାର ତ୍ରିପାଠୀ, ଭଗବାନ ରଥ, ପ୍ରଫୁଲ୍ଲ ସେଠୀ, ଡମ୍ବରୁଧର ସେଠୀ, ମିଳନ ପତ୍ରୀ, ରମାକାନ୍ତ ସାହୁ, ସନ୍ତୋଷ ଜେନା, ପବନ ବେହେରା ଓ ଶତ୍ରୁଘ୍ନ ପଲେଇ ପ୍ରମୁଖ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥିଙ୍କ ଗହଣରେ ଯୁବକ ସଂଘର ସଦସ୍ୟ।

# ରାଜ୍ୟ କାୟାକଳ୍ପ ଟିମ୍‌ର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ପାଟଣା,୧୬।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୁକ୍ରବାର ରାଜ୍ୟ କାୟା କଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ପରିଦର୍ଶନ ଓ ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗର ନଥିପତ୍ର ଯାଞ୍ଚ କରିଛନ୍ତି। ରାଜ୍ୟ କାୟାକଳ୍ପ ଟିମ୍ ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଟିବି ଡ. ଅର୍ଘ୍ୟ ପ୍ରଧାନଙ୍କ ନେତୃତ୍ୱରେ ପବ୍ଲିକ ପ୍ରାଇଭେଟ ପାଟନର୍ ସିପ କନସଲଟାଣ୍ଟ ସନ୍ତୋଷ କୁମାର ନାୟକ, ଷ୍ଟେଟ୍ ପ୍ରୋଗ୍ରାମ ମ୍ୟାନେଜର ନିପିର ଦୀପକ କୁମାର ବିଶ୍ୱାଳ, ଜିଲା ଖଣିଜ ସମ୍ପଦ କ୍ୱାଲିଟି କନ୍‌ସଲଟାଣ୍ଟ ଡ.ହିମାଂଶୁ ଷଡଙ୍ଗୀ, କ୍ୱାଲିଟି ମ୍ୟାନେଜର କେନ୍ଦୁଝର ଜିଲା ଅଭିଷେକ ଷଡ଼ଙ୍ଗୀ ପ୍ରମୁଖ ଟିମ୍‌ରେ ସାମିଲ ହୋଇଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଶୁଭେନ୍ଦୁ ସାଗର କୁମାର ନାଏକ, ଡା. ରାଧାମୋହନ ସାହୁ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିପିଏମ ଦୀପକ କୁମାର ନାୟକଙ୍କ ସହ କର୍ମଚାରୀମାନେ ସାମିଲ ହୋଇଥିଲେ।

# ହିନ୍ଦୁ ଧର୍ମକୁ ଫେରିଲେ ୩ ପରିବାର

ଠାକୁରମୁଣ୍ଡା,୧୬।୨(ତାରାକାନ୍ତ ପଟ୍ଟନାୟକ)

୮ ମାସ ପୂର୍ବେ ଭିନ୍ନ ଧର୍ମ ଗ୍ରହଣ କରିଥିବା ୩ ଆଦିବାସୀ ପରିବାର ଶୁକ୍ରବାର ହିନ୍ଦୁ ଧର୍ମକୁ ଫେରିଛନ୍ତି। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ କେଶଡିହା ପଞ୍ଚାୟତର କେଶଡ଼ିହା କଦଳୀବାଡ଼ି ସାହିରେ ଆଦିବାସୀ ହୋ ସମ୍ପ୍ରଦାୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେଥିମଧ୍ୟରୁ ୧୬ ପରିବାର ସ୍ୱ ଧର୍ମ ପରିତ୍ୟାଗ କରି ଭିନ୍ନ ଧର୍ମ ଗ୍ରହଣ କରିଛନ୍ତି। ୮ ମାସ ପୂର୍ବେ ଭିନ୍ନ ଧର୍ମ ଗ୍ରହଣ କରିଥିବା ୩ ପରିବାର ସଦସ୍ୟ ସ୍ୱ ଧର୍ମକୁ ଫେରିବାକୁ ଗ୍ରାମର ଦେହୁରୀଙ୍କ ସହ ଯୋଗାଯୋଗ କରିଥିଲେ। ସେହି ଅନୁଯାୟୀ, ଗ୍ରାମ ଦେହୁରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସେମାନଙ୍କୁ ସ୍ୱ ଧର୍ମକୁ ଫେରାଇ ଆଣିଛନ୍ତି। ୩ ପରିବାର ସଦସ୍ୟଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ଗ୍ରାମ ଦେହୁରୀ ମାଣିକ ରାମ ବଦ୍ରା ପୂଜାର୍ଚ୍ଚନା ସହ ପବିତ୍ର କରାଇଥିଲେ। ପରେ ଗ୍ରାମବାସୀମାନଙ୍କ ସହିତ ମିଶି ସ୍ୱଧର୍ମକୁ ଫେରି ଆସିଥିବା ପରିବାର ସଦସ୍ୟମାନେ ଭୋଜିରେ ସାମିଲ ହୋଇଥିଲେ।


ହିନ୍ଦୁ ଧର୍ମକୁ ଫେରିଥିବା ୩ ପରିବାରର ସଦସ୍ୟମାନେ।

# ରାଶନ ହିତାଧିକାରୀଙ୍କୁ ମିଳୁଥିବା ବ୍ୟାଗ୍ ପୋଡ଼ିଲେ

ଚାନ୍ଦବାଲି,୧୬।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସିର ୫ନଂ. ୱାର୍ଡ ନୟାପାଟଣାର ରାଶନ କାର୍ଡ ହିତାଧିକାରୀମାନେ ଶୁକ୍ରବାର ସନ୍ଧ୍ୟାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଲେଖା ଓ ଶଙ୍ଖ ଚିହ୍ନ ଥିବା ବ୍ୟାଗ୍‌କୁ ନିଆଁରେ ପୋଡ଼ି ପ୍ରତିବାଦ ଜଣାଇଛନ୍ତି। କେନ୍ଦ୍ର ସରକାର ମାଗଣା ରାଶନ ଚାଉଳ ଯୋଗାଇ ଦେଉଥିବା ବେଳେ ରାଜ୍ୟ ସରକାର ନିଜ ଦଳର ପ୍ରଚାର ପ୍ରସାର ପାଇଁ ଦଳୀୟ ଚିହ୍ନଥିବା ବ୍ୟାଗ୍ ବାଣ୍ଟୁଛନ୍ତି। ଏହାକୁ ଘୋର ନିନ୍ଦା କରୁଛୁ ବୋଲି ହିତାଧିକାରୀମାନେ କହିଥିଲେ। ଅକ୍ଷୟ ରାଉତ, ବିଦ୍ୟାଧର ମହାରଣା, ଗଜେନ୍ଦ୍ର ବିନ୍ଧାଣୀ, ଅଭିମନ୍ୟୁ ମହାରଣା, ରମେଶ ବେହେରା, ଅମିତ ମହାରଣା, ଧ୍ୟାନଚାନ୍ଦ ବେହେରା, ନିରଞ୍ଜନ ବେହେରା, ସଞ୍ଜୀବ ଓଝା, ସୁବାସିନୀ ଓଝା, ସନ୍ଧ୍ୟାରାଣୀ ରାଉତ, ଗୁନୁକା ପଣ୍ଡା, ଲବଙ୍ଗ ମହାରଣା, ସୁକାନ୍ତି ବିନ୍ଧାଣୀ, ସଞ୍ଜୁଲତା ବିନ୍ଧାଣୀ, ସଂଯୁକ୍ତା ସୂତାର, ରୀନାରାଣୀ ମହାରଣାଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ରାଶନ କେନ୍ଦ୍ରରେ ପହଞ୍ଚି ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ବ୍ୟାଗ୍‌କୁ ନିଆଁ ଲଗାଇ ପୋଡ଼ି ଦେଇଥିଲେ।


ନୟାପାଟଣାର ରାଶନ କାର୍ଡ ହିତାଧିକାରୀମାନେ ବ୍ୟାଗ୍ ପୋଡୁଛନ୍ତି।

# ବିଶେଷ ଜ୍ଞାନର ଅଧିକାରୀ ହିଁ ବିଜ୍ଞାନ

## ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ମେଳା

ସିମୁଳିଆ,୧୬।୨(ସନ୍ତୋଷ ନାୟକ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ମନୋଭାବର ଉଦ୍ରେକ ପାଇଁ ଗୁରୁବାର ସିମୁଳିଆ ବ୍ଲକ ଅଧୀନ ରଘୁନାରାଣ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ୨୪ଟି ହାଇସ୍କୁଲ ବିଜ୍ଞାନ ପ୍ରକଳ୍ପରେ ୨୫ଜଣ ଓ ବିଜ୍ଞାନ କୁଇଜରେ ୨୫ଜଣ ମୋଟ୍ ୫୦ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଭିନ୍ନ ପ୍ରକଳ୍ପକୁ ପୂର୍ବତନ ଜିଲା ବିଜ୍ଞାନ ସଂଯୋଜକ କୃଷ୍ଣମୋହନ ସିଂ ଓ ବିଜ୍ଞାନ ସମ୍ବଳ ଶିକ୍ଷକ ଇନ୍ଦ୍ରଜିତ ପାତ୍ର ମୂଲ୍ୟାୟନ କରିଥିଲେ। ବିଜ୍ଞାନ କୁଇଜ୍‌ରେ ଜୁନିୟର ସିନିୟର ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ୧୦ଜଣ ଜିଲାସ୍ତରୀୟ କୁଇଜରେ ଭାଗ ନେବେ ବୋଲି ସୂଚନା ମିଳିଛି।

ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିବା ସହିତ ଯେଉଁ ଦେଶର ବିଜ୍ଞାନ ଯେତେ ଉନ୍ନତ ସେ ଦେଶ ସେତେ ବିକଶିତ ବୋଲି କହିଥିଲେ। ସେହିପରି ଅତିଥି ରୂପେ ବରି ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ବ୍ଲକ ବିଜ୍ଞାନ ସଂଯୋଜକ ଅନୁସନ୍ଧାନ ହିଁ ବିଜ୍ଞାନ ବୋଲି କହିଥିଲେ। ସିମୁଳିଆ ବ୍ଲକର ପୂର୍ବତନ ଏବିଇଓ ତଥା ବର୍ତ୍ତମାନ ଖଇରା ବ୍ଲକରେ ବିଇଓ ରୂପେ ଯୋଗଦେଇଥିବା ଗଦାଧର ଦାସଙ୍କୁ ମାନପତ୍ର, ଉପଢୌକନ ଓ ଫୁଲତୋଡ଼ା ଦିଆଯାଇ ସମ୍ମାନିତ କରାଯାଇଥିଲା। ବକ୍ତବ୍ୟରେ ବିଇଓ ଗଦାଧର ଦାଶ ବିଶେଷ ଜ୍ଞାନର ଅଧିକାରୀ ହିଁ ବିଜ୍ଞାନ ବୋଲି କହିଥିଲେ। ସେହିପରି ଶ୍ରେଷ୍ଠ ପୁରାତନ ଛାତ୍ର କମିଟି ରୂପେ ରାଜ୍ୟରେ ପ୍ରଥମ ହୋଇଥିବା ବରି ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଓ ପ୍ରଧାନଶିକ୍ଷକ ରୂପେ ସୁଧୀର କୁମାର ପାତ୍ର, ଶ୍ରେଷ୍ଠ ବିଦ୍ୟାଳୟ ରୂପେ ମାର୍କୋଣା ନୋଡ଼ାଲର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଣ୍ଡା, ବାଡୁଳି ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବାରିକ, ସରସ୍ୱତୀ ନୋଡ଼ାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ କୁମାର ଗ୍ରାହାଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ବଳଦେବଜୀଉ ହାଇସ୍କୁଲର ପ୍ରଧାନ ଶିକ୍ଷକ ବନମାଳୀ ନାୟକ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ, ଛାତ୍ର ତଥା କଣ୍ଠଶିଳ୍ପୀ ପ୍ରଥମ କୁମାର ବେହେରା ସ୍ୱାଗତ ସଙ୍ଗୀତ ଓ ରଘୁନାରାୟଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ବିଭିନ୍ନ ଅତିଥିଙ୍କ ଗହଣରେ ସମ୍ମାନିତ ଶିକ୍ଷୟିତ୍ରୀଶିକ୍ଷକ।

